# NATIONAL NEWS BULLETIN (ODIA)

## 26 August - 2025

### Morning Bulletin : 7.15 A.M.

*********************************************

## ମୁଖ୍ୟ ସମ୍ବାଦ

- ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନକୁ ହଂସଲ୍‌ପୁର ଠାରେ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ସର୍ଦ୍ଦାର ପଟେଲ୍, ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଏବଂ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତିନୋଟି କମିଟି ଗଠିତ ।
- କୃଷକଙ୍କ ସ୍ୱାର୍ଥରକ୍ଷା ଏବଂ କଲ୍ୟାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି, କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ଦକ୍ଷିଣ ଗାଜାରେ ଏକ ହସ୍ପିଟାଲ୍ ଉପରେ ଇସ୍ରାଏଲ୍ ଆକ୍ରମଣରେ ୫ ଜଣ ସାମ୍ବାଦିକଙ୍କ ସମେତ ୨୦ ଜଣଙ୍କର ମୃତ୍ୟୁ ।

ଏବଂ

- ୟୁ.ପି.ଏସ୍.ରୁ ଏନ୍.ପି.ଏସ୍.କୁ ପରିବର୍ତ୍ତନ ବ୍ୟବସ୍ଥା ଆରମ୍ଭ କଲା ଅର୍ଥ ମନ୍ତ୍ରଣାଳୟ ।

# ପିଏମ୍‌-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଅହମ୍ମଦାବାଦ ନିକଟବର୍ତ୍ତୀ ହଂସଲପୁର ଠାରେ ହାଇବ୍ରିଡ୍‌ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ୧୦୦ଟି ଦେଶକୁ ବୈଦ୍ୟୁତିକ ଯାନ ରପ୍ତାନୀର ଶୁଭାରମ୍ଭ କରିବା ସହ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ମେକ୍‌ ଇନ୍‌ ଇଣ୍ଡିଆ ପଦକ୍ଷେପ ସଫଳତା ଏକ ଉଦାହରଣ ସ୍ୱରୂପ । ପ୍ରଧାନମନ୍ତ୍ରୀ ଭାରତରେ ନିର୍ମିତ ସୁଜୁକିର ପ୍ରଥମ ବିଶ୍ୱସ୍ତରୀୟ ରଣନୈତିକ ବ୍ୟାଟେରୀଯୁକ୍ତ ବୈଦ୍ୟୁତିକ ଯାନର ଶୁଭାରମ୍ଭ କରିବେ । ୟୁରୋପ ଏବଂ ଜାପାନ୍‌ ଭଳି ପ୍ରମୁଖ ବଜାର ସମେତ ୧୦୦ରୁ ଅଧିକ ଦେଶକୁ ଏହି ଯାନ ରପ୍ତାନୀ କରାଯିବ । ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପଦକ୍ଷେପ ସ୍ୱରୂପ ଟି.ଡି.ଏସ୍‌. ଲିଥିଅମ୍‌-ଆୟନ୍‌ ବ୍ୟାଟେରୀ ପ୍ଲାଣ୍ଟରେ ହାଇବ୍ରିଡ୍‌ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଏହି ପଦକ୍ଷେପ ଘରୋଇ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ସହିତ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଦେଶରେ ସବୁଜ ଉତ୍ପାଦନକୁ ଏହା ସୁଦୃଢ଼ କରିବ ।

ଗୁଜରାଟକୁ ଦୁଇ ଦିନିଆ ଗସ୍ତ ଅବସରରେ ଶ୍ରୀ ମୋଦୀ ଗତକାଲି ଅହମ୍ମଦାବାଦର ଖୋଡାଲ୍‌ଧାମ୍‌ ପଡ଼ିଆରେ ୫ହଜାର ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

କରିଥିଲେ । ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କୃଷକ, ଗୋପାଳକ, କ୍ଷୁଦ୍ର ଉଦ୍ୟୋଗୀଙ୍କ ସ୍ୱାର୍ଥ ସୁରକ୍ଷା ଦେଶ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।

**V/O-1-PM-MODI-ON-FARMER**

ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦେଶର ପରିବର୍ତ୍ତନ ମୂଳକ ଯାତ୍ରା ଉପରେ ଆଲୋକପାତ କରି ପ୍ରାଧାନମନ୍ତ୍ରୀ କହିଛନ୍ତି, ଆତ୍ମନିର୍ଭରଶୀଳତାକୁ ବିକଶିତ ଭାରତର ଭିତ୍ତିଭୂମି ଭାବେ ପରିଣତ କରାଯାଇଛି । ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ମେକ୍ ଇନ୍ ଇଣ୍ଡିଆ ଉତ୍ପାଦକୁ ପ୍ରାଥମିକତା ଦେବା ଏବଂ ଏହାର ଗୁଣବତ୍ତା ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ ।

**V/O-2--PM-MODI-DEVLOPMENT**

# ଗଭ୍ କମିଟ୍

ଦେଶର ତିନି ଜଣ ବିଶିଷ୍ଟ ଜନନାୟକଙ୍କ ସ୍ମୃତି ସମାରୋହ ପାଳନ ଲକ୍ଷ୍ୟ ନେଇ ସରକାର ତିନୋଟି କମିଟି ଗଠନ କରିଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ୍ :

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନକୁ ଦୃଷ୍ଟିରେ ରଖି ସରକାର ତିନୋଟି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସଂସ୍କୃତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏହି ତିନୋଟିଯାକ କମିଟି ଗଠନ କରାଯାଇଛି । ଦେଶରେ ଏହିସବୁ ସ୍ମୃତି ସମାରୋହ ପାଳନ ନେଇ ଯୋଜନା, କାର୍ଯ୍ୟକ୍ରମ ପରିଚାଳନା, ତଦାରଖ ତଥା ମାର୍ଗ ଦର୍ଶନର ଦାୟିତ୍ୱ କମିଟି ନିର୍ବାହ କରିବ ।

୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟର ନାଦିଆଦ୍ ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ସର୍ଦ୍ଦାର ପଟେଲ ସ୍ୱଳ୍ପ ସମୟ ମଧ୍ୟରେ ୫୬୫ଟି ଗଡ଼ଯାତ ରାଜ୍ୟକୁ ଭାରତ ସଂଘରେ ସାମିଲ କରି ଅଭୁତପୂର୍ବ ସଫଳତା ହାସଲ କରିଥିଲେ ।

ଆଦିବାସୀଙ୍କ ପ୍ରତୀକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଉଲ୍‌ଗୁଲାନ୍ ପଦକ୍ଷେପ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଆଦିବାସୀ ଆନ୍ଦୋଳନକୁ ତୀବ୍ର କରିଥିଲା ।

ପ୍ରଧାନମନ୍ତ୍ରୀ ଭାବେ ତିନିଥର ଦାୟିତ୍ୱ ନିର୍ବାହ କରିଥିବା ଅଟଳ ବିହାରୀ ବାଜପେୟୀ ଜଣେ ବିଶିଷ୍ଟ କବି, ଲେଖକ ଏବଂ ରାଜନେତା ଭାବେ ସର୍ବଜନ ବିଦିତ ଥିଲେ । ତାଙ୍କ ଜନ୍ମ ବାର୍ଷିକୀ ଡିସେମ୍ବର ୨୫ ତାରିଖକୁ ସମଗ୍ର

ଦେଶରେ ସୁ-ଶାସନ ଦିବସ ଭାବରେ ପାଳନ କରାଯାଇଥାଏ । ୨୦୧୫ରେ ଶ୍ରୀ ବାଜପେୟୀଙ୍କୁ ଦେଶର ସର୍ବୋଚ୍ଚ ନାଗରୀକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।

## ଶିବରାଜ ଚୌହାନ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଦେଶର କୃଷକଙ୍କ ସ୍ୱାର୍ଥ ରକ୍ଷା ଏବଂ କଲ୍ୟାଣକୁ ସରକାର ସର୍ବଦା ପ୍ରାଥମିକତା ପ୍ରଦାନ କରିଛନ୍ତି । ଆମେରିକାରୁ କୃଷି ସାମଗ୍ରୀ ଆମଦାନୀକୁ ପ୍ରତ୍ୟାଖ୍ୟାନ କରାଯାଇଛି । ଭୋପାଳ ଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ ଆଇଜର୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ନୂତନ ଭାରତ ଆତ୍ମ ବିଶ୍ୱାସରେ ପରିପୂର୍ଣ୍ଣ । ଦେଶବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଦେଶର ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥବିରୁଦ୍ଧ ଜନିତ କୌଣସି ଚୁକ୍ତି ସରକାର ସାକ୍ଷର କରିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆହ୍ୱାନ 'ସ୍ୱଦେଶୀ ସାମଗ୍ରୀ ବ୍ୟବହାର' ଉପରେ ଆଲୋକପାତ କରି ଶ୍ରୀ ଚୌହାନ କହିଛନ୍ତି, ଏହା ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଦେଶର ଅର୍ଥନୀତିକୁ ମଜବୁତ କରିବ ।

# ଗାଜା ଏୟାର୍ ଷ୍ଟ୍ରାଇକ୍ ଜର୍ଣ୍ଣାଲିଷ୍ଟ

ଦକ୍ଷିଣ ଗାଜାର ଏକ ହସ୍ପିଟାଲ୍ ଉପରେ ଗତକାଲି ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ୫ ଜଣ ସାମ୍ବାଦିକଙ୍କ ସମେତ ୨୦ ଜଣଙ୍କର ମୃତ୍ୟୁ ହୋଇଛି । ଗାଜା ସହରର ଅଲ୍‌ସିଫା ହସ୍ପିଟାଲ୍ ନିକଟରେ ଦୁଇ ସପ୍ତାହ ପୂର୍ବରୁ ଇସ୍ରାଏଲ୍ ଆକ୍ରମଣ ଦ୍ୱାରା ୬ ଜଣ ସାମ୍ବାଦିକଙ୍କର ମୃତ୍ୟୁ ହୋଇଥିଲା । ୨୨ ମାସର ସଂଘର୍ଷ ଅବସରରେ ଗାଜାରେ ଏପର୍ଯ୍ୟନ୍ତ ମୋଟ୍ ୧୯୨ ଜଣ ସାମ୍ବାଦିକଙ୍କର ମୃତ୍ୟୁ ହୋଇଛି ବୋଲି ସେଠାକାର ସୁରକ୍ଷା କମିଟି ସୂଚନା ଦେଇଛି ।

ଅନ୍ୟ ପକ୍ଷରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଗତକାଲିର ଆକ୍ରମଣ ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ଏହା ଏକ ଦୁଃଖଦ ଦୁର୍ଘଟଣା ବୋଲି ବର୍ଣ୍ଣନା କରିଛି । ସାମ୍ବାଦିକ ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଭୂମିକାକୁ ଇସ୍ରାଏଲ୍ ସର୍ବଦା ସମ୍ମାନ ଜଣାଇଥାଏ । ହମାସ୍ ଗୋଷ୍ଠୀଙ୍କ ବିରୁଦ୍ଧରେ ଇସ୍ରାଏଲ୍ ପକ୍ଷରୁ ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

# ଇଣ୍ଡିଆ-ଡବ୍ଲ୍ୟୁଏଫ୍‌ପି

ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକରେ ଖାଦ୍ୟ ସୁରକ୍ଷା ବୃଦ୍ଧି ପାଇଁ ସମର୍ଥନ କରିବାର ଦକ୍ଷତା ଭାରତର ରହିଛି ବୋଲି ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପକାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ କାର୍ଲ୍ ସ୍କାଉ କହିଛନ୍ତି । ପ୍ରଯୁକ୍ତିବିଦ୍ୟା ଏବଂ ସୁ-ବ୍ୟବସ୍ଥିତ ଅଭ୍ୟାସ ମାଧ୍ୟମରେ ଭାରତ ଅନ୍ୟ ରାଷ୍ଟ୍ର ଗୁଡ଼ିକୁ ଏ କ୍ଷେତ୍ରରେ ସହାୟତା ପ୍ରଦାନ କରିପାରିବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସଚିବ ଦେବେଶ ଚତୁର୍ବେଦୀଙ୍କ ସହ ଗତକାଲି ଆଲୋଚନା ବେଳେ ଶ୍ରୀ ସ୍କାଉ ଏହା କହିଛନ୍ତି । ବିଭିନ୍ନ ଜାତୀୟ, ଆଞ୍ଚଳିକ ଏବଂ ବୈଶ୍ୱିକ ଖାଦ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଉଭୟଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ବୈଠକ ପରେ ଶ୍ରୀ ସ୍କାଉ କହିଛନ୍ତି, ଭାରତର ଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା, ସୁଦୃଢ଼ୀକରଣ ପଦକ୍ଷେପ ଏବଂ ମହିଳାଙ୍କ ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହନ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ।  ଅଭିଜ୍ଞତା, ପ୍ରଯୁକ୍ତିବିଦ୍ୟା ଏବଂ ସୁ-ବ୍ୟବସ୍ଥିତ ପଦକ୍ଷେପର ଆଦାନପ୍ରଦାନ ମାଧ୍ୟମରେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସୁଦୃଢ଼ କରିବା ପାଇଁ ଭାରତ ସମର୍ଥନ ପ୍ରଦାନର ଦକ୍ଷତା ରଖିଛି ବୋଲି ସେ କହିଛନ୍ତି । ଦେଶର ଶସ୍ୟବୀମା, ଡଇଜିଟାଲ୍ କୃଷି ଆଦି ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ସଚିବ ଶ୍ରୀ ଚତୁର୍ବେଦୀ ଆଲୋଚନାକାଳରେ ଶ୍ରୀ ସ୍କାଉଙ୍କୁ ଅବଗତ କରାଇଛନ୍ତି ।

## ଗଭ୍-ୟୁପିଏସ୍-ଏନ୍‌ପିଏସ୍

ଦେଶରେ କାର୍ଯ୍ୟକାରୀ ହେଉଥିବା ଏକିକୃତ ପେନ୍‌ସନ୍ ଯୋଜନା ୟୁ.ପି.ଏସ୍.ରୁ ଏକକାଳୀନ ଜାତୀୟ ପେନ୍‌ସନ୍ ବ୍ୟବସ୍ଥା ଏନ୍.ପି.ଏସ୍.କୁ ପରିବର୍ତ୍ତନ ସୁବିଧା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଛି । ସରକାରୀ ବିଜ୍ଞପ୍ତି ଅନୁଯାୟୀ ୟୁ.ପି.ଏସ୍. ଯୋଜନାରେ ସାମିଲ ଥିବା କର୍ମଚାରୀ ସେମାନଙ୍କର ଅବସରର ଏକବର୍ଷ କିମ୍ବା ସ୍ୱେଚ୍ଛାକୃତ ଅବସରର ତିନି ମାସ ପୂର୍ବରୁ ଏହି ସୁବିଧା ଉପଲବ୍ଧ କରିପାରିବେ । ବହିଷ୍କାର କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା କର୍ମଚାରୀ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ପରିବର୍ତ୍ତନ ପରେ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଦେୟ ସମେତ ୟୁ.ପି.ଏସ୍. ସୁବିଧା ଉପଲବ୍ଧ ହେବ ନାହିଁ । ଏହି ପଦକ୍ଷେପ ପେନ୍‌ସନ୍ ସୁବିଧାକୁ ସୁବ୍ୟବସ୍ଥିତ କରିବା ଏବଂ ଦୀର୍ଘକାଳୀନ ଅବସର କ୍ଷେତ୍ରରେ ଏନ୍.ପି.ଏସ୍. ବ୍ୟବସ୍ଥାକୁ ସୁଦୃଢ଼ କରିବ । ଗତ ଏପ୍ରିଲ୍ ମାସରୁ ସରକାର କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଏକିକୃତ ପେନ୍‌ସନ୍ ବ୍ୟବସ୍ଥା ୟୁ.ପି.ଏସ୍.କୁ ପ୍ରଚଳନ କରିଛନ୍ତି ।

## ଇଣ୍ଡିଆନ୍ ନାଭି-ଉଦୟଗିରି-ହିମଗିରି

ବିଶାଖାପାଟଣାର ନୌସେନା ଘାଟିଠାରେ ଆଜି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୁଇଟି ଯୁଦ୍ଧ ଜାହାଜ ଉଦୟଗିରି ଏବଂ ହିମଗିରିକୁ ଭାରତୀୟ ନୌସେନାରେ ସାମିଲ କରାଯିବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ସମାରୋହରେ ପ୍ରଥମଥର

ପାଇଁ ଦୁଇଟି ଯୁଦ୍ଧ ଜାହାଜ ଏକକାଳୀନ ନୌସେନାରେ କମିଶନ୍ କରାଯିବ । ନୌସେନାର କ୍ଷମତାକୁ ଏହା ଅଧିକ ସୁଦୃଢ଼ କରିବ । ଦୁଇଟି ଯାକ ଜାହାଜର ଡିଜାଇନ୍ ଏବଂ ନିର୍ମାଣ ଆତ୍ମନିର୍ଭରଶୀଳ ଭାରତର ସଂକଳ୍ପକୁ ପ୍ରତିପାଦିତ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ଏହି ଜାହାଜ ଦୁଇଟିରେ ଆଧୁନିକ ଯୁଦ୍ଧ ବ୍ୟବସ୍ଥାକୁ ଉନ୍ନତ କରାଯିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଏହା ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

## ପିଆଇବି-ଏନ୍‌ଭେଷ୍ଟମେଣ୍ଟ କ୍ଲେମ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ନିବେଶ ପ୍ଲାଟ୍‌ଫର୍ମକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମ ଭିଡ଼ିଓ ତଥ୍ୟ ଭିତ୍ତିକ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି । ପି.ଆଇ.ବି.ର ତଥ୍ୟ ଅନୁସନ୍ଧାନ ୟୁନିଟ୍ କହିଛି, ଅର୍ଥମନ୍ତ୍ରୀ କିମ୍ବା ଭାରତ ସରକାରଙ୍କ ଦ୍ୱାରା ଏପରି କୌଣସି ଯୋଜନା ଆରମ୍ଭ କରାଯାଇ ନାହିଁ । ୨୧ ହଜାର ଟଙ୍କା ନିବେଶରୁ ପ୍ରତି ମାସରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଟର୍ଣ୍ଣ ପ୍ରଦାନ ସଂକ୍ରାନ୍ତ ଏହି ଭିଡ଼ିଓ ବାର୍ତ୍ତା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପି.ଆଇ.ବି. କହିଛି । ଏଭଳି ସୂଚନାକୁ ବିଶ୍ୱାସ ନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।